# ବିଶ୍ୱସ୍ତରୀୟ ବେଳାଭୂମି ହେବ ଚନ୍ଦ୍ରଭାଗା ଓ ତଳସାରୀ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍:

ବିଶ୍ୱସ୍ତରୀୟ ବେଳାଭୂମୀ ହେବ ଚନ୍ଦ୍ରଭାଗା ଓ ତଳସାରୀ। ଏଥିପାଇଁ ପ୍ରସ୍ତୁତ ହୋଇଛି ମାଷ୍ଟରପ୍ଲାନ। ୨୦୨୧ ଅକ୍ଟୋବର ସୁଦ୍ଧା ଭିତ୍ତିଭୂମି କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ଘୋଷଣା କରିଛନ୍ତି।

ମଙ୍ଗଳବାର ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଏହି ଦୁଇଟି ମହତ୍ୱାକାଂକ୍ଷୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ, ରାଜ୍ୟରେ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭରେ ଥିବା ଚନ୍ଦ୍ରଭାଗା ଏବଂ ବାଲେଶ୍ୱର ଜିଲ୍ଲାରେ ଥିବା ତଳସାରୀ-ଉଦୟପୁର ବେଳାଭୂମିର ଆକର୍ଷଣ ଅନନ୍ୟ। ପର୍ଯ୍ୟଟକଙ୍କୁ ଏହି ଦୁଇ ବେଳାଭୂମି ଖୁବ୍ ଆକର୍ଷିତ କରିଥାଏ। ଏହାକୁ ଆହୁରି ଆକର୍ଷିତ କରାଯାଇ ବିଶ୍ୱସ୍ତରୀୟ କରାଯିବ ଏବଂ ଭିତ୍ତିଭୂମି ବିକାଶ ଉପରେ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ବେଳାଭୂମି ପର୍ଯ୍ୟଟନ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ଯୋଡ଼ିବା ପାଇଁ ଏନେଇ ନୂଆ

- ମୁଖ୍ୟମନ୍ତ୍ରୀ କଲେ ଘୋଷଣା
- ପ୍ରସ୍ତୁତ ହେଲା ମାଷ୍ଟରପ୍ଲାନ
- ଅକ୍ଟୋବର ସୁଦ୍ଧା ଭିତ୍ତିଭୂମି କାମ ସରିବ





ଖସଡ଼ା ପ୍ରସ୍ତୁତ ହୋଇଛି। ବାଲେଶ୍ୱରର ଚନ୍ଦନେଶ୍ୱର ସନ୍ନିକଟ ତଳସାରି ବେଳାଭୂମିକୁ ଦେଶୀ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ୨.୪ କିମି ଅଞ୍ଚଳକୁ ବିକଶିତ କରାଯିବ। ବେଳାଭୂମିରେ ଏକାଧିକ ଦିନ ରହଣି ବ୍ୟବସ୍ଥା ସହ ତାରକା, ବଜେଟ୍ ହୋଟେଲ ଓ ରେସ୍ତୋରାଁ ନିର୍ମାଣକୁ ପ୍ରୋତ୍ସାହିତ କରାଯିବ। ବର୍ଷା ଆଶ୍ରୟସ୍ଥଳ, କିଓସ୍କ ଓ ପ୍ୟାଭିଲିୟନ ଆଦି ନିର୍ମାଣ ହେବ। ବେଳାଭୂମିରେ ସୋଲାର ଫଟୋ ଭୋଲଟିକ୍ ପ୍ୟାନେଲ୍ସ ନିର୍ମାଣ ସହିତ ବେଳାଭୂମିର କିଛି ଦୂରରେ ଥିବା ଦ୍ୱୀପକୁ 'ସିଟିଂ ଆଇଲ୍ୟାଣ୍ଡ' ଭାବେ ପରିଚିତ କରାଯିବ। ଏଥିସହ ସେଠାରେ ଆମ୍ଫିଥିଏଟର ଓ କ୍ରାଫ୍ଟ ପ୍ଲାଜା ଆଦି ଅତ୍ୟାଧୁନିକ ସୁବିଧା ରହିବ।

ନୂଆ ଯୋଜନାରେ ପୁରୀ-କୋଣାର୍କ ବେଳାଭୂମିକୁ ଅନୁରୂପ ଗୁରୁତ୍ୱ ଦିଆଯାଇଛି। ଚନ୍ଦ୍ରଭାଗା ଠାରେ ୧ କିଲୋମିଟର ବ୍ୟାପୀ ଅଞ୍ଚଳର ବିକାଶ କରାଯିବ। ଏଥିପାଇଁ ପ୍ରସ୍ତୁତ ମାଷ୍ଟରପ୍ଲାନରେ ଜଳକ୍ରୀଡା, ଆମୋଦପ୍ରମୋଦ, ସୁଦୃଶ୍ୟ ଚଲାପଥ, ସାଇକେଲ୍ ଟ୍ରାକ୍, ▶▶ ୭

ନିତିଦିନ NITIDIN
Wed, Jan 13, 2021
http://odishanewsnitidin.com